# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18 November – 2025

**********************************

## ମୁଖ୍ୟ ସମ୍ବାଦ

- ଜଳର ଉପଲବ୍ଧତା ଓ ସଂଚୟକୁ ସୁନିଶ୍ଚିତ କରିବା ଲାଗି ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଲେ ରାଷ୍ଟ୍ରପତି

— ଜାତୀୟ ଜଳ ପୁରସ୍କାର ସମାରୋହରେ ରାଜ୍ୟର ୫ଟି ଜିଲ୍ଲା ପୁରସ୍କୃତ

- ପିଏମ-କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ଆସନ୍ତାକାଲି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

- ମିଶନ ପାୱାର ଅଧୀନରେ ୨୦୨୭ ମସିହା ସୁଦ୍ଧା ସବୁ ଗ୍ରାମକୁ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳର ବ୍ୟବସ୍ଥା କରାଯିବ, କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକୁ ସୁଧ ଫେରସ୍ତ ବାବଦରେ ୧୧୭ କୋଟି ଟଙ୍କାର ସହାୟତା ଯୋଗାଇଲେ ରାଜ୍ୟ ସରକାର

## ରାଷ୍ଟ୍ରପତି-ଜଳପୁରସ୍କାର

ଜଳର ଉପଲବ୍ଧତା ଓ ସଞ୍ଚୟକୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି  ଷଷ୍ଠ ଜାତୀୟ ଜଳପୁରସ୍କାର-୨୦୨୪ ଏବଂ 'ଜଳସଞ୍ଚୟ ଜନଭାଗିଦାରୀ' ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି କହିଛନ୍ତି, ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଜଳଚକ୍ରକୁ ପ୍ରଭାବିତ କରୁଛି। ଦେଶପାଇଁ ଜଳର ସୁପରିଚାଳନା ଅତ୍ୟନ୍ତ ଜରୁରୀ।

ଏହି ଅଭିଯାନରେ ଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଅନୁଷ୍ଠାନ, ବିଦ୍ୟାଳୟ ଓ ବ୍ୟକ୍ତିବିଶେଷ ସମେତ ୧୦ଟି ବର୍ଗରେ ୪୬ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯାଇଛି। ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏହିସବୁ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ୍ ଉପସ୍ଥିତ ଥିଲେ।

## ପିଏମ୍-କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ପ୍ରଦାନ କରିବେ। ତାମିଲନାଡୁର କୋଏମ୍ବାଟୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ କୃଷକମାନଙ୍କୁ ସହାୟତା ରାଶି ଦେବେ। ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮

ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବା ନେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି । ରାଜ୍ୟରେ ଏହି ଯୋଜନାରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଲାଭାନ୍ୱିତ ହେଉଛନ୍ତି ।

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ମିଶନ ପାୱାର ଅଧୀନରେ ଆଗାମୀ ୨୦୨୭ ମସିହା ସୁଦ୍ଧା ପ୍ରତ୍ୟେକ ଗ୍ରାମକୁ ସଡକ ସୁବିଧା, ବିଦ୍ୟୁତ ଓ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀକକ୍ଷଠାରେ ଆୟୋଜିତ ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, 'ସବ୍ କା ସାଥ-ସବ୍ କା ବିକାଶ'ର ମନ୍ତ୍ରରେ ରାଜ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଣୟନ କରାଯାଉଛି । ଯୋଜନାର ସଠିକ୍ ରୂପାୟନ, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -(CM)**

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ସରକାର ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି । ଶିଳ୍ପପ୍ରତିଷ୍ଠା କ୍ଷେତ୍ରରେ ନୀତି ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ

ସରକାରୀସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଶ୍ରୀ ମାଝୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ରାଜ୍ୟରେ ସମସ୍ତ ଜମିଜମା ସମସ୍ୟାର ସମାଧାନ, ଜବରଦଖଲ ଜମିକୁ ସରକାରଙ୍କ ଅଧୀନକୁ ଆଣିବା, ଭୂମିହୀନଙ୍କୁ ଘରଡିହ ଯୋଗାଇବା ସହ ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜସ୍ୱ ପ୍ରଶାସନରେ ବ୍ୟାପକ ସଂସ୍କାର ଅଣାଯିବ। ଏହାସହ ରାଜ୍ୟସ୍ୱ ରେକର୍ଡର ଆଧୁନିକୀକରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ସୁପୋଷିତ ଓଡ଼ିଶା

ରାଜ୍ୟର ସମସ୍ତ ଶିଶୁଙ୍କୁ ଉପଯୁକ୍ତ ପୋଷଣ ଯୋଗାଇଦେବାର ଲକ୍ଷ୍ୟ ନେଇ ସୁପୋଷିତ ଓଡ଼ିଶା ମିଶନ ଆରମ୍ଭ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଜି ସୁପୋଷିତ ଓଡ଼ିଶା ଡାସ୍‌ବୋର୍ଡ, ପୋଷଣ କଫିଟେବୁଲ ବୁକ୍, ରୋଷେଇ ପୁସ୍ତକର ଉନ୍ମୋଚନ ସହ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପୋଷଣ ଟ୍ରାକର, ଡାଟା, ସୁପୋଷିତ ଓଡ଼ିଶା ମିଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ମହିଳା  ଶିଶୁ ସଂସ୍ଥା ପରିସରରେ ଏକ ଟେଲରିଂ ସିଲେଇ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଭାତୀ ପରିଡା-ଲକ୍ଷପତି

ରାଜ୍ୟର ମହିଳାଙ୍କୁ ସଫଳ ଉଦ୍ୟୋଗୀ ସହ ଲକ୍ଷପତି କରାଇବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ପୋଖରିପୁଟସ୍ଥିତ ମିଶନଶକ୍ତି ଭବନ ସମ୍ମିଳନୀକକ୍ଷରେ ସ୍ୱୟଂସହାୟକ ଗୋଷ୍ଠିକୁ ଋଣ ଉପରେ ପ୍ରଦତ୍ତ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ସୁଧ ଫେରସ୍ତ ବାବଦକୁ ୧୧୭ କୋଟି ୧୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସୁଧ ଫେରସ୍ତ ସ୍ୱୟଂସହାୟକ ଗୋଷ୍ଠିଗୁଡ଼ିକର ଆର୍ଥିକ ସମୃଦ୍ଧକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମିଶନଶକ୍ତି ବିଭାଗର ନିର୍ଦ୍ଦେଶିକାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ମାର୍ଟସିଟି

ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ୩୧ତମ ବୋର୍ଡ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପଗୁଡ଼ିକର ପରିଚାଳନା, ରକ୍ଷଣାବେକ୍ଷଣ ଏବଂ ରାଜସ୍ୱ ସୃଷ୍ଟି ରଣନୀତି ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରଥିଲେ। ଏହି ବୈଠକରେ

ସହରାଞ୍ଚଳ ବିକାଶକୁ ବୃଦ୍ଧି କରବା ସହିତ ଜନସାଧାରଣଙ୍କ ଜୀବନଧାରଣର ମାନ ଓ ଗୁଣାବତ୍ତାରେ ଉନ୍ନତି ଆଣିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।

## ଦେବ ଦୀପାବଳି ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲିଠାରୁ ୩ଦିନ ଧରି ମହାପ୍ରଭୁଙ୍କର ଦେବଦୀପାବଳି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶୀର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସହ ଦୀପ ଦାନ କରିବାର ପରମ୍ପରା ରହିଛି। ଏହି ୩ ଦିନ ଶ୍ରୀଜୀଉମାନେ ଶ୍ରାଦ୍ଧ ବେଶରେ ସଜ୍ଜିତ ହେବା ସହ ଅଦିତି ଓ କଶ୍ୟପ, ତ୍ରେତୟାର କୌଶଲ୍ୟା ଓ ଦଶରଥ, ଦ୍ୱାପର ଯୁଗର ଦେବକୀ ଓ ବସୁଦେବ ଏବଂ ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପ ଦାନ କରିବାର ପରମ୍ପରା ରହିଛି।

## ପ୍ରଦର୍ଶନୀ

**ନୟାଗଡ଼** ଜିଲ୍ଲା ଭାପୁର ସଦର ମହକୁମାରେ ଥିବା ମହୋତ୍ସବ ପଡିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏଥିସହ ଅନ୍ୟ ବିଭାଗର ପ୍ରଦର୍ଶନୀ, ଚାଷ କାର୍ଯ୍ୟର ଉନ୍ନତି ସମ୍ପର୍କରେ ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

## ପ୍ରଦର୍ଶନୀ

**ନୟାଗଡ଼** ଜିଲ୍ଲା ଭାପୁର ସଦର ମହକୁମାରେ ଥିବା ମହୋତ୍ସବ ପଡିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ଏଥିସହ ଅନ୍ୟ ବିଭାଗର ପ୍ରଦର୍ଶନୀ, ଚାଷ କାର୍ଯ୍ୟର ଉନ୍ନତି ସମ୍ପର୍କରେ

ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

## ପ୍ରାଣୀଚିକିତ୍ସା ଶିବିର

**ନୂଆପଡ଼ା** ଜିଲ୍ଲାର ବୋଡେନ୍ ବ୍ଲକ୍ ଅନ୍ତର୍ଗତ ଫରସରା ଗ୍ରାମରେ ପ୍ରାଣୀଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଆଖପାଖ ଅଞ୍ଚଳରୁ ଆସିଥିବା ପ୍ରାଣୀମାନଙ୍କୁ ଟିକାକରଣ କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ପ୍ରାଣୀସମ୍ପଦର ବୃଦ୍ଧିଦ୍ୱାରା କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ ।

## ସଚେତନତା ଶିବିର

**ନୟାଗଡ଼** ସହରର ଲେଖନପୁରଠାରେ ଥିବା ସମର୍ପଣ ବୃଦ୍ଧାଶ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ ଯତ୍ନ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ସଚିବ ତଥା ବରିଷ୍ଠ ବିଚାରପତି ଅଞ୍ଜଳି ମଚ୍ଛଖଣ୍ଡ ଏବଂ ବରିଷ୍ଠ ଆଇନ୍‌ଜୀବୀ କାମାକ୍ଷା ପ୍ରସାଦ ଦାସ ଏଥିରେ ଯୋଗଦେଇ ବୟସ୍କମାନଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଏକତା ପଦଯାତ୍ରା

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନ ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ମିଳିତ ସହଯୋଗରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୦ ତାରିଖରେ ପୁରସ୍କୃତ କରାଯିବ ।

## ଏକତା ପଦଯାତ୍ରା-୨

**ଢ଼େଙ୍କାନାଳ** ଜିଲ୍ଲା କାମାକ୍ଷାନଗରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ସ୍ଥାନୀୟ ଜନସାଧାରଣ, ବିଭିନ୍ନ ସଂସ୍ଥା, ବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ଦଳର କର୍ମୀମାନେ ଯୋଗଦେଇଥିଲେ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ବିଜ୍ଞାନ ମେଳା ଅନୁଷ୍ଠିଂତ ହୋଇଯାଇଛି। ଗୋଷ୍ଠି ଶିକ୍ଷାଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ରଚି ବଢ଼ାଇବା ପାଇଁ ପରାମର୍ଶ ଦେଇଥିଲେ।

## ସାଇକେଲିଂ ଚାମ୍ପିଅନ୍‌ସିପ

**ସମ୍ବଲପୁର**ରେ ଆସନ୍ତା ଡିସେମ୍ବର ମାସ ୨ ତାରିଖରେ ୩୦ତମ ଜାତୀୟ ରୋଡ୍ ସାଇକେଲିଂ ଚାମ୍ପିଅନ୍‌ସିପ୍-୨୦୨୫ ଅନୁଷ୍ଠିତ ହେବ। ବରିଷ୍ଠ, କନିଷ୍ଠ ଏବଂ ସର୍ବକନିଷ୍ଠ ବର୍ଗରେ ଏହି ପ୍ରତିଯୋଗିତାରେ ୨୮ଟି ରାଜ୍ୟ ଓ ସମସ୍ତ କେନ୍ଦ୍ରଶାସିତ ଅଂଚଳର ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସାଇକେଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ସାଇକେଲିଂ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ଡିସେମ୍ବର ମାସ ୬ ତାରିଖ ଯାଏ ଚାଲିବ।

## ନିଶାମୁକ୍ତ ଅଭିଯାନ

ପୂର୍ବତଟ ରେଳପଥ **ସମ୍ବଲପୁର** ମଣ୍ଡଳ ଦ୍ୱାରା ଆଜି ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି।

ମଣ୍ଡଳର ରେଳପ୍ରବନ୍ଧକ କାର୍ଯ୍ୟକ୍ରମରେ ଯୋଗଦେଇ ନିଶା ସେବନର କ୍ଷତିକାରକ ପ୍ରଭାବ ଏବଂ ଶୃଙ୍ଖଳିତ ଓ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।